**ମହେଶ କୁମାର ଆଗଲ୍**

**ବନାମ**

**ପୋଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟଜଣେ**

**ଡିସେମ୍ବର 15, 1995**

**[କେ. ରାମାସ୍ୱାମୀ ଏବଂ ବି.ଏଲ୍. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*ବରିଷ୍ଠତା - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଯେଉଁଠାରେ ପଦୋନ୍ନତି ପାଇଁ ସର୍ତ୍ତ ହେଉଛି ହିନ୍ଦୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା, ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ତାରିଖ ଠାରୁ ପଦୋନ୍ନତି ଏବଂ ବରିଷ୍ଠତା କାର୍ଯ୍ୟକାରୀ ହେବ ।*

**ଅପିଲକାରୀଙ୍କ ବରିଷ୍ଠତା ଦାବିକୁ ପ୍ରତ୍ୟାଖ୍ୟାନ କରି ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ ପ୍ରଦାନ କରିଥିବା ରାୟ ବିରୁଦ୍ଧରେ ସେ ଅପିଲ ଦାୟର କରିଥିଲେ ।**

**ଏହି ଅପିଲଟିକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: ପଦୋନ୍ନତି ପାଇଁ ହିନ୍ଦୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏକ ସର୍ତ୍ତ ହୋଇଥିବାରୁ ଅପିଲକାରୀଙ୍କୁ ଯଥାର୍ଥ ଭାବରେ ପଦୋନ୍ନତି ଦିଆଯାଇଥିଲା ଏବଂ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ତାରିଖ ଠାରୁ ତାଙ୍କ ବରିଷ୍ଠତା ଯଥାର୍ଥ ଭାବରେ ସ୍ଥିର କରାଯାଇଥିଲା । [795- G]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 12094/1995 ।

ଓ.ଏ. ସଂଖ୍ୟା 196/1990 ରେ ଭୋପାଳସ୍ଥିତ ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦିନାଙ୍କ 24.3.92 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ସି.ଏଲ୍. ସାହୁ ।

ଉତ୍ତରଦାତାମାନଙ୍କ ତରଫରୁ ଅମିତାଭ ବର୍ମା ଏବଂ ଏସ୍.କେ. ଅଗ୍ନିହୋତ୍ରୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ହିନ୍ଦୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ହେଉଛି ପଦୋନ୍ନତି ପାଇଁ ଏକ ସର୍ତ୍ତ ଏବଂ ଯେହେତୁ ଅପିଲକାରୀ ସେପ୍ଟେମ୍ବର 20, 1981 ରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ, ତାଙ୍କୁ ପଦୋନ୍ନତି ଦିଆଯାଇଥିଲା ଏବଂ ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ତାରିଖ ଠାରୁ ତାଙ୍କ ବରିଷ୍ଠତା ସ୍ଥିର କରାଯାଇଥିଲା । ଏହି ପରିସ୍ଥିତିରେ, ହସ୍ତକ୍ଷେପ କରିବା ପାଇଁ ଆମ୍ଭେ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶରେ କୌଣସି ଅବୈଧତା ପାଉନାହୁଁ ।

ତଦନୁସାରେ ଅପିଲଟିକୁ ଖାରଜ କରାଯାଇଛି ।

ଆର୍.ପି. ଅପିଲଟିକୁ ଖାରଜ କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**